# କନିକା ତହସିଲ କାର୍ଯ୍ୟାଳୟ, ରାଜକନିକା

ନମ୍ବର :- ୪୦୨୦
୦୬.୧୦.୨୦୨୩

## <u>ନୋଟିସ୍</u>

ଏତଦ୍ ଦ୍ବାରା ଜନସାଧାରଣ ମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ, ଯେଉଁମାନେ ତା 26.09.1970 ମସିହା ପୂର୍ବରୁ ଶ୍ରୀ ଶୈଳେନ୍ଦ୍ର ନାରାୟଣ ଭଂଜଦେଓ ପି-ରାଜେନ୍ଦ୍ର ନାରାୟଣ ଭଂଜଦେଓ ସା- ଗୋବିନ୍ଦପୁର ଙ୍କ ଠାରୁ ରେଜେଷ୍ଟ୍ରି କବଲା ଦ୍ବାରା ଜମି ଖର୍ଦ୍ଦ କରିଅଛନ୍ତି ତାହାର ବିବରଣୀ ସିଲିଂ ମୋକଦ୍ଦମା ଫଇସଲା ନିମନ୍ତେ ଆବଶ୍ୟକ ହେଉଅଛି । ମହାମାନ୍ୟ ମୁଖ୍ୟ ବିଚାରପତି ଉଚ୍ଚନ୍ୟାୟଳୟ, ଓଡିଶା, କଟକ, ସିଲିଂ ମୋକଦ୍ଦମା ନଂ 47/1974 ଚାରି ମାସ ମଧ୍ୟରେ ଫଇସଲା କରିବା ନିମନ୍ତେ ରାଜସ୍ବ ଅଧିକାରୀ, କନିକାଙ୍କ ପ୍ରତି ନିର୍ଦ୍ଦେଶ ପ୍ରଦାନ କରି ଅଛନ୍ତି।

ଏଣୁ ଏହି ନୋଟିସ ମାଧମରେ ଅବଗତ କରାଇ ଦିଆଯାଉଅଛି କି ଯୋଉଁମାନେ ଶୈଳେନ୍ଦ୍ର ନାରାୟଣ ଭଂଜଦେଓ ପି- ରାଜେନ୍ଦ୍ର ନାରାୟଣ ଭଂଜଦେଓ ସା- ଗୋବିନ୍ଦପୁରଙ୍କ ଠାରୁ ତା 26.09.1970 ରିଖ ପୂର୍ବରୁ ଜମି କିଣିଛନ୍ତି, ସେମାନେ ଆସନ୍ତା ତା 20.10.2023 ରିଖ ସୁଦ୍ଧା କନିକା ତହସିଲ କାର୍ଯ୍ୟାଳୟ ରେ ଉପସ୍ଥିତ ହୋଇ କବଲାର ନକଲ ଦାଖଲ କରିବେ । ଧାର୍ଯ୍ୟ ତାରିଖ ଗତେ ଆପଣଙ୍କର କୈଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆନଯାଇ ବିକ୍ରି ହୋଇଥିବା ଜମି ସିଲିଂ ବର୍ହିଭୁତ ଭାବେ ଗ୍ରହଣ କରାଯାଇ ନିୟମ ଅନୁସାରେ ତାହା ଭୂମିହୀନ ମାନଙ୍କ ମଧ୍ୟରେ ବଣ୍ଟନ କରାଯିବ।

ରାଜସ୍ବ ଅଧିକାରୀ, କନିକା
ତହସିଲଦାର
କନିକା